**ମା’ ରାମାୟଣାମ୍ମା ଯାତ୍ରା ନିମନ୍ତେ ମିଳିଲା ଆଜ୍ଞାମାଳ**

# ଅସ୍ଥାୟୀ ମଣ୍ଡପକୁ ବିଜେ କଲେ ମା’



ଛତ୍ରପୁର, ୫।୫(ସମିସ): ଚଳିତବର୍ଷ ୩୩ ଦିନ ଧରି ଆୟୋଜିତ ହେବ ଛତ୍ରପୁରର ପ୍ରସିଦ୍ଧ ମା’ ରାମାୟଣାମ୍ମାଙ୍କ ଯାତ୍ରା। ସୋମବାର ମା’ଙ୍କ ଆଜ୍ଞାମାଳ ମିଳିବା ପରେ ପାରମ୍ପରିକ ରୀତିନୀତିରେ ଶୁଭାରମ୍ଭ ହେଲା ଯାତ୍ରା। ମଙ୍ଗଳବାର ଗୋଟିଏ ଦିନ ମା’ଙ୍କ ଅସ୍ଥାୟୀ ମନ୍ଦିରରେ ବିଶ୍ରାମ ପରେ ବୁଧବାର ଠାରୁ ମା’ଙ୍କ ଘଟ ପରିକ୍ରମା ଆରମ୍ଭ ହେବ। ଚଳିତବର୍ଷ ମେ’ ୪ରୁ ଜୁନ୍ ୫ ପର୍ଯ୍ୟନ୍ତ ଏହି ଯାତ୍ରା ଅନୁଷ୍ଠିତ ହେବ। ମା’ଙ୍କ ଗତକାଲି ଆଜ୍ଞାମାଳ ପାଇଲା ପରେ ଶାଶୁଘରୁ ରୀତିନୀତି ଅନୁସାରେ ଏକ ବିରାଟ ପଟୁଆରରେ ବାହାରି ସହର ପରିକ୍ରମା କରି ମା’ ଘରକୁ ଆସି ଅସ୍ଥାୟୀ ମଣ୍ଡପରେ ବିଜେ କରିଛନ୍ତି। ମଙ୍ଗଳବାର ଦିନ ବିଶ୍ରାମ ନେବାପରେ ବୁଧବାରଠାରୁ ସଂଧ୍ୟାରେ ଘଟ ନଗର ପରିକ୍ରମା କରିବେ। ଏନେଇ ଯାତ୍ରା କମିଟି ପକ୍ଷରୁ ମ୍ୟାନେଜର ସିଏଚ ଦୟାନନ୍ଦ ରେଡ୍ଡୀ ସୂଚନା ଦେଇଛନ୍ତି।

ସୂଚନା ଥାଉ କି, ପ୍ରତ୍ୟେକ ଦୁଇ ବର୍ଷରେ ଥରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗୋଟିଏ ବର୍ଷ ବ୍ରହ୍ମପୁରରେ ହେଉଥିବା ବେଳେ ଅନ୍ୟ ଏକ ବର୍ଷ ଛତ୍ରପୁରରେ ହୋଇଥାଏ। ଚଳିତ ବର୍ଷ ମା’ଙ୍କ ଯାତ୍ରା ଛତ୍ରପୁରରେ ଧୁମଧାମର ସହ ଆରମ୍ଭ ହୋଇସାରିଛି। ସୁନ୍ଦରତୋରଣ ସହ ଆଲୋକସଜ୍ଜାରେ ଝଲସି ଉଠୁଛି ସାରା ସହର। ଆଗକୁ ଆହୁରି ଆକର୍ଷଣ କରିବ ବଡ଼ ବଡ଼ ତୋରଣ ଲାଇଟ ଗେଟ, କଳାକୁଞ୍ଜ ଓ ମୀନାବଜାର। ଚଳିତବର୍ଷ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଶେଷ ୭ ଦିନ ଧରି ଷ୍ଟାଡିୟମ୍‌ଠାରେ ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ।

## ଜମୁଛି ଭଞ୍ଜନଗର ଠାକୁରାଣୀ ଯାତ୍ରା

ଭଞ୍ଜନଗର, ୫।୫(ସମିସ): ଭଞ୍ଜନଗର ସହରର ଐତିହାସିକ ଠାକୁରାଣୀ ଯାତ୍ରା ଏବେ ବେଶ୍ ଜମୁଛି। ରବିବାର ସହର ସାରା ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା। ମା’ଙ୍କ ନଗର ପରିକ୍ରମା ସହ କବିସମ୍ରାଟ ରଙ୍ଗମଞ୍ଚ ଓ ମୀନା ବଜାର ସବୁଠି ପ୍ରବଳ ଭିଡ଼ ଜମିଥିଲା। ରବିବାର କବିସମ୍ରାଟ ରଙ୍ଗମଞ୍ଚରେ ସତ୍ୟଜିତ ପ୍ରଧାନ ଓ ସାଥୀ ଭୁବନେଶ୍ୱର ପକ୍ଷରୁ ଆକର୍ଷଣୀୟ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ସେହିପରି ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଦୁଇଟି ପ୍ରତିଷ୍ଠିତ ସାଂସ୍କୃତିକ ଦଳ ଟୁଇଙ୍କିଲ୍ ଷ୍ଟାର ପକ୍ଷରୁ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ସାରା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପ୍ରଜ୍ଞା ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ସହ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଯାହା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୋମବାର କବିସମ୍ରାଟ ରଙ୍ଗମଞ୍ଚରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟର ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଓକିଲ ସଂଘ ସଭାପତି ସନ୍ତୋଷ କୁମାର ନାୟକ, ବରିଷ୍ଠ ସାମ୍ବାଦିକ ଲୋକନାଥ କର, ସିଡିପିଓ ମିଲିମା ପଣ୍ଡା ଓ ମୋଟର ଯାନ ନିରୀକ୍ଷକ କିଶୋର ଦେ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ରହି ସଂସ୍କୃତି ସଂପନ୍ନ ଏହି ଘୁମୁସର ମାଟିର ଐତିହାସିକ ଠାକୁରାଣୀ ଯାତ୍ରା ସଂପର୍କରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ବେହେରା ସଂଯୋଜନା କରିଥିବା ବେଳେ ଶେଷରେ ସାଂସ୍କୃତିକ ସଂପାଦକ ଜଗଦୀଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସୋମବାର ମାଆଙ୍କ ଷଷ୍ଠ ଦିନର ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ବାଲ୍ୟ ବିବାହ ରୋକିବାକୁ ସଚେତନତା



ଛତ୍ରପୁର, ୫।୫(ସମିସ): ଛତ୍ରପୁର ବ୍ଲକ ଅଧୀନସ୍ଥ ମିଶନ ଶକ୍ତି ସଭାଗୃହରେ ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତେରସ୍ଥାନ ରଜକ କୁଳ ସମାଜ, ଗଞ୍ଜାମ, ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ, ଗଞ୍ଜାମ, ତେରସ୍ଥାନ ରେଡ୍ଡୀ କୁଳ ସମାଜ, ଗଞ୍ଜାମ, କୈବର୍ତ୍ତ କୁଳ ମହାସଂଘ, ଗଞ୍ଜାମ, ବ୍ରାହ୍ମଣ ମହାସଂଘ, ଗଞ୍ଜାମ, ଓଡ଼ିଆ ସମାଜ, ଗଞ୍ଜାମ ଜିଲ୍ଲା ସ୍ତରିୟ ମହିଳା ମହାସଂଘ, ଗଞ୍ଜାମ, ଶବର ସମାଜ, ଗଞ୍ଜାମ, ସୌରା ସମାଜ, ଗଞ୍ଜାମ ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ରୋକିବା ପାଇଁ ନିଜ ନିଜ ସମାଜରେ ନେଇଥିବା ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ବୈଠକରେ ଗଞ୍ଜାମ ଜିଲ୍ଲାର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ବେହେରା, ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସୋରେନ, ମହିଳା ସୁରକ୍ଷା ଅଧିକାରୀ ଡ଼ି ନାଗରତ୍ନମ, କାର୍ଯ୍ୟକାରୀ ଅଧିକାରୀ ଏସ୍. ରାଜେଶ୍ୱରୀ ଓ ଛତ୍ରପୁର ବ୍ଲକର ସିଡିପିଓ ପ୍ରଣମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ୟୁନିସେଫର ଗଞ୍ଜାମ ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଂଯୋଜନା କରିଥିବା ବେଳେ ମହିଳା ସୁରକ୍ଷା ଅଧିକାରୀ ଡ଼ି ନାଗରତ୍ନମ ଧନ୍ୟବାଦ ଜଣାଇଥିଲେ।

## ମାଟ୍ରିକ ଟପ୍ପରଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ



ଛତ୍ରପୁର, ୫।୫(ସମିସ): ଚଳିତ ମାଟ୍ରିକ ପରୀକ୍ଷାରେ ଗଞ୍ଜାମ ଜିଲ୍ଲାରେ ୯୮.୨୫ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି। ଏହି ଅବସରରେ ବ୍ରହ୍ମପୁର ନୀଳକଣ୍ଠନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦୁଇଜଣ ବିଦ୍ୟାର୍ଥୀ ମୋଟ ୬୦୦ ରୁ ୫୮୨ନମ୍ବର( ୯୭%) ମାର୍କ ରଖି ଜିଲ୍ଲାର ଟପ୍ପର ହୋଇଛନ୍ତି। ସେମାନେ ହେଲେ ଛାତ୍ର ସୁମିତ କୁମାର ଦାଶ ଏବଂ ଛାତ୍ରୀ ଅଙ୍କିତା ସାହୁ। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ମଙ୍ଗଳବାର ଛତ୍ରପୁର ଠାରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଉଭୟଙ୍କୁ ମାନପତ୍ର, ପୁସ୍ତକ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହା ସହିତ ଉଭୟଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଅବସର ପରିବାର ଲୋକଙ୍କୁ ମଧ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଥିଲେ। ଅଙ୍କିତା ସାହୁ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ରୋଗୀଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଜିଲ୍ଲାପାଳଙ୍କୁ କହିଥିବା ବେଳେ ସୁମିତ କୁମାର ଦାଶ ଆଗାମୀ ଦିନରେ ସିଭିଲ ସର୍ଭିସ ପାଠ ପଢିବେ ବୋଲି କହିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଡ଼ଃ ପ୍ରଭାତୀ କୁମାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**● ଗଞ୍ଜାମର ଐତିହାସିକ ଚନ୍ଦନ ଯାତ୍ରା**

## ଭଉଁରୀ ଖେଳିଲେ ମଦନମୋହନ

ଗଞ୍ଜାମ, ୫।୫(ସମିସ): ଗଞ୍ଜାମର ଐତିହାସିକ ପବିତ୍ର ଚନ୍ଦନ ଯାତ୍ରା ୧୬ ତମ ଦିବସରେ ପହଁଚିଛି।୨୧ ଦିନ ବ୍ୟାପି ହେବାକୁଥିବା ଏହି ଯାତ୍ରାର ପଞ୍ଚଦଶ ଦିବସରେ ରାତ୍ରର ପ୍ରଥମ ପ୍ରହରରେ ଶ୍ରୀମଦନ ମୋହନ ଗୋପାଳ ସ୍ୱାମୀଙ୍କ ନୌକା ବିହାର ସମୟରେ ତିନି ବେଢା ବଦଳରେ ୭ ବେଢା ପରିକ୍ରମା କରିବା ସହ ପୁଷ୍କରିଣୀର ପ୍ରତି କୋଣରେ ଭଉଁରୀ ଖେଳ ହେଉଥିବା ଦେଖିବାକୁ ମିଳିଛି। ମଣ୍ଡପରୁ ଠାକୁରଙ୍କୁ ବାଦ୍ୟ ବାଜଣା ଓ ହୁଳହୁଳିର କୋଳାହଳ ମଧ୍ୟରେ ଉପବେଷନ କରିବା ପରେ ଭଜନ କୀର୍ତ୍ତନ ସହକାରେ ଠାକୁରଙ୍କ ନୌକା ବିହାର ହୋଇଥାଏ। ଦାମୋଦରପୁର ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ବ୍ୟକ୍ତି ମାନେ ନିଆଳି ଚାପରେ ଠାକୁରଙ୍କୁ ଭଜନ କୀର୍ତ୍ତନ ମାଧ୍ୟମରେ ପାଛୋଟି ନେଇ ନୌକା ବିହାର କରାଇଥାନ୍ତି। ପୁଷ୍କରିଣୀର ଚତୁପାର୍ଶ୍ୱରେ ସୁସଜ୍ଜିତ ରଙ୍ଗ ବେରଙ୍ଗର ଝିଲମିଲ ଆଲୋକମାଳା ପରିବେଶଟି ଉତ୍ସବମୁଖର ହୋଇଉଠିଥିବା ପରିଲକ୍ଷିତ ହୋଇଛି। ସୂଚନା ଥାଉକି ପ୍ରାୟ ୪ ଶହ ବର୍ଷ ତଳେ ଗଞ୍ଜାମ ସହର ସମନ୍ତରା ସାହି ବାସିନ୍ଦା ଗଦାଧର ସମନ୍ତରା ସୁଦୂର ବୃନ୍ଦାବନ ମସ୍ତକରେ ରାଧାରାଣୀ ଓ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତୀ ମସ୍ତକରେ ଧାରଣ କରି ପାଦରେ ଚାଲି ଚାଲି ଗଞ୍ଜାମ ସହରକୁ ନେଇ ଆସି ଏକ ମନ୍ଦିର ନିର୍ମାଣ କରିବା ସହ ପୁଷ୍କରିଣୀ ଖୋଳାଇ ପଥରେ ବସାଇଥିଲେ। ସେହିଦିନ ଠାରୁ ସହରରେ ଠାକୁରଙ୍କ ପ୍ରତିବର୍ଷ ଦୋଳଯାତ୍ରା ସମ୍ପନ୍ନ ହେଉଛି।

## ବଟେଶ୍ୱର ପୀଠ ରାସ୍ତା ନିର୍ମାଣ ବିଳମ୍ବ; ପର୍ଯ୍ୟଟକ ହନ୍ତସନ୍ତ

ଗଞ୍ଜାମ, ୫।୫(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ପୀଠରୁ ଜାତୀୟ ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁଁ ପର୍ଯ୍ୟଟକମାନେ ଘୋର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ୩ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି। ଯାହାକୁ ନେଇ ବଟେଶ୍ୱର ଐତିହ ସଂରକ୍ଷଣ କମିଟି ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତି ହୋଇଛି। ଚାରି ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି।

ପ୍ରକାଶ ଯୋଗ୍ୟ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି। ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟରେ ଠିକ ଭାବେ କରୁନଥିବାରୁ ଏହା ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ଆରମ୍ଭ ୮.୭.୨୫ରୁ ଆରମ୍ଭ ହୋଇ ୭.୩.୨୬ରେ ଶେଷ ହେବା ନେଇ ବୋର୍ଡ ସୂଚନା ରହିଛି। ବର୍ତ୍ତମାନ ମେ’ ମାସ ଆରମ୍ଭ ହୋଇଥିବା ବେଳେ ରାସ୍ତା କାମ କେବଳ ଖୋଳି ପକେଇ ଦିଆଯାଇଛି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ଦୁଇ ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି, ୫।୫(ସମିସ): ଦିଗପହଣ୍ଡି ବ୍ଲକ ଅଧିନ ଦୁଇଟି ଗାଁରୁ ଦୁଇ ଜଣ ମାଟ୍ରିକ ପଢୁଥିବା ନାବାଳିକା ଛାତ୍ରୀ(୧୬)ଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଗୋଟିଏ ଗାଁର ଛାତ୍ରୀଜଣକ ସାଇକଲରେ ଟ୍ୟୁସନ୍ ଯିବା ଆସିବା କରିବା ବେଳେ ଗାଁର ଜଣେ ଯୁବକ ଇ. ଶିବରାମ ପାତ୍ର ରାସ୍ତାରେ ତାଙ୍କୁ ବିଭିନ୍ନ ସମୟରେ ଅଟକାଇ ପ୍ରେମ ନିବେଦନ କରୁଥିଲେ। ଏନେଇ ଛାତ୍ରୀଙ୍କୁ ତାଙ୍କ ବାପା ଗତ ପ୍ରାୟ ୬ ମାସ ପୂର୍ବେ ପଚରାଉଚୁରା କରି ସେଥିପ୍ରତି ନଜର ରଖିଥିଲେ। ଗତ ୨୮ ତାରିଖ ଭୋର ପ୍ରାୟ ୫ଟାରୁ ଛାତ୍ରୀ ଜଣକ ଘରୁ ଆକସ୍ମିକ ଭାବେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ଗ୍ରାମ ସମେତ ବ୍ରହ୍ମପୁର ରେଲୱେ ଷ୍ଟେସନ ଯାଇ ଖୋଜାଖୋଜି କରିବା ପରେ ମଧ୍ୟ ସନ୍ଧାନ ପାଇନଥିଲେ। ଶିବରାମ ଛାତ୍ରୀଙ୍କୁ ଦେଇଥିବା ଏକ ମୋବାଇଲ ଫୋନ ତାଙ୍କ ଟ୍ୟୁସନ୍ ବ୍ୟାଗରୁ ମିଳିଥିଲା। ଘଟଣା ପରଠାରୁ ଶିବରାମ ମଧ ଗାଁ ରେ ଅନୁପସ୍ଥିତ କାରଣରୁ ସେ ହିଁ ତାଙ୍କ ଝିଅକୁ ଅପହରଣ କରି ନେଇଥିବା ଛାତ୍ରୀଙ୍କ ବାପା ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସେହିପରି ଦିଗପହଣ୍ଡି ଥାନା ଅଧିନ ଅନ୍ୟଏକ ଗାଁର ଜଣେ ମାଟ୍ରିକ ପଢୁଥିବା ଛାତ୍ରୀ ଗତ ଗୁରୁବାର ସକାଳୁ ଘରୁ ନିଖୋଜ ହୋଇଯାଇଛନ୍ତି। ମା ପୋଖରୀକୁ ଗାଧୋଇ ଯାଇଥିବା ବେଳେ ବାପା ପରିବା ଆଣିବାକୁ ବଜାର ଯାଇଥିଲେ। ଘରେ ନାବାଳିକା ଝିଅ ଏକୁଟିଆ ଥିଲେ। ମା ପୋଖରୀରୁ ଫେରିବାପରେ ଘରେ ଝିଅ ନଥିବା ଦେଖି ସଙ୍ଗେ ସଙ୍ଗେ ସ୍ୱାମୀଙ୍କୁ ଜଣାଇଥିଲେ। ପରିବାର ଲୋକେ ସମ୍ପର୍କୀୟ ମାନଙ୍କ ସହ ମିଶି ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳିନଥିଲା। ପରେ ବାପା ଏନେଇ ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା ରୁଜୁ କରି ତଦନ୍ତ ନିମନ୍ତେ ଏସ.ଆଇ ସୋଫିଆ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର



ଦିଗପହଣ୍ଡି, ୫।୫(ସମିସ): ଦିଗପହଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଜ୍ୟ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ମଙ୍ଗଳବାର ଠାରୁ ୧୦ ଦିନବ୍ୟାପୀ ରାଜ୍ୟ (ସମ୍ଭାଗ) ସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟ ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଏବଂ ଷଷ୍ଠୀ ପ୍ରସାଦ ବିଷୋୟୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ଉଦଘାଟନୀ ସଭାରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାତୀୟ ଫାର୍ମାସି କାଉନସିଲ ମୁଖ୍ୟ ପଦ୍ମଚରଣ ବେହେରା, ବର୍ଗ ପ୍ରମୁଖ ଆଶିଷ କୁମାର ରଥ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ, ସମ୍ପାଦକ ପ୍ରହଲ୍ଲାଦ ଡାକୁଆ, ପୂର୍ବତନ ସଭାପତି ରାମଚନ୍ଦ୍ର ସାହୁ, ସଂକୁଳ ବିଭାଗୀୟ ଜିଲ୍ଲା ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ , ପଦ୍ମନାଭ ସାମଲ, ଅରୁଣ ବାଗ୍, କୈଳାସ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କ ପଞ୍ଚପଦୀ ଶିକ୍ଷଣ, ଛାତ୍ରୀ ଛାତ୍ରଙ୍କ ଶୃଙ୍ଖଳା ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

## ମେଡିକାଲ ସମସ୍ୟା ନେଇ ସ୍ୱାଭିମାନ ମଞ୍ଚର ସତ୍ୟାଗ୍ରହ

 କୋଦଳା, ୫।୫(ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥାକୁ ନେଇ କୋଦଳା ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ମଞ୍ଚ ଆବାହକ ଦଣ୍ଡପାଣି ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ସତ୍ୟାଗ୍ରହରେ କୋଦଳା ବରିଷ୍ଠ ନାଗରିକ ମଞ୍ଚ, ଶ୍ରୀଗଣେଶ ଯୁବକ ସଙ୍ଘ, ସ୍ଥାନୀୟ ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକ ମାନେ ଯୋଗଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ଚରମ ଅବହେଳାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଦୃଢ ପ୍ରତିବାଦ କରିଛନ୍ତି। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ହସ୍ପିଟାଲ ହୋଇଥିବା ବେଳେ ଏଠାରେ ସ୍ଥାୟୀ ଡାକ୍ତର ଓ କର୍ମଚାରୀ ନାହାନ୍ତି। ବିଭିନ୍ନ ବିଭାଗରେ ପ୍ରାୟ ୮୦ ପ୍ରତିଶତ ପଦବୀ ଖାଲିପଡିଛି। ଅତ୍ୟାଧୁନିକ ଯନ୍ତ୍ରପାତି ଥାଇ ସୁଦ୍ଧା ଅପରେଟର ନଥିବାରୁ କାମରେ ଆସୁନି। ପୂର୍ବ ସରକାର ଅମଳରୁ ୩୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ବର୍ତ୍ତମାନ ତାହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା ସେ କର୍ଣ୍ଣପାତ କରୁ ନାହାନ୍ତି। ନିକଟରେ ସ୍ୱାସ୍ଥ୍ୟମନ୍ତ୍ରୀ କୋଦଳା ଗସ୍ତରେ ଆସିଥିବା ବେଳେ ତାଙ୍କୁ ମଧ ଅବଗତ କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିନି। ତେଣୁ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇ ସତ୍ୟାଗ୍ରହ ସ୍ଥଳରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜର ଡାକ୍ତର ପ୍ରତୀକ ଦାସ ପହଞ୍ଚି ଦାବିପତ୍ର ଗ୍ରହଣ କରି ଦୁଇ ମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସତ୍ୟାଗ୍ରହରେ ଆବାହକଙ୍କ ସହିତ କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ, କାଉନସିଲର ମନୋରଞ୍ଜନ ଡାକୁଆ, କାଉନସିଲର ଭଗବାନ ପାଢୀ, କାଳିମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ଦୋରା, ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବଡ୍ଡୁ, ପୂର୍ବତନ କାଉନସିଲର ସନ୍ତୋଷ କୁମାର ନାୟକ, ସୁଶାନ୍ତ କୁମାର ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ପଲେଇ, ବାପୁନୀ କୁମାର ମାଲୁ, ସୀମାଞ୍ଚଳ ମୁନୀ, ବରିଷ୍ଠ ନାଗରିକ ଲକ୍ଷ୍ମୀ ନାରାୟଣ ସାହୁ, ଜଗବନ୍ଧୁ ସାହୁ, ବସନ୍ତ ସ୍ୱାଇଁ, ସନ୍ତୋଷ କୁମାର ପ୍ରଧାନ, ବିଶ୍ୱାମିତ୍ର ତ୍ରିପାଠୀ, ଜୋହନ୍ ସ୍ୱାଇଁ, ଚନ୍ଦନ ସ୍ୱାଇଁ, ଆଇନଜୀବୀ ମୀରାବାଈ ଦେଓଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



## ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଚଲା ବଣ୍ଟନ



ରଙ୍ଗେଇଲୁଣ୍ଡା, ୫।୫(ସମିସ): ସ୍ଥାନୀୟ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନର ଏନଏସଏସ ୟୁନିଟ୍ ପକ୍ଷରୁ ଚଲା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନଏସଏସ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରି ପଥଚାରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଚଲା ବଣ୍ଟନ କରିଥିଲେ। ପ୍ରିନସିପାଲ ପ୍ରଫେସର ମନୋଜ କୁମାର ପ୍ରଧାନ ଶିବିରକୁ ଉଦଘାଟନ କରିଥିଲେ ଏବଂ ଅଧ୍ୟାପକମାନେ ଗୋଷ୍ଠୀ କଲ୍ୟାଣ ପ୍ରତି ଉତ୍ସର୍ଗୀକୃତ ଏନଏସଏସ ୟୁନିଟର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏନ୍‌ଏସ୍. ଏସ୍‌ପିଓଡ. ରଶ୍ମୀତା ପାତ୍ର ଏବଂ ଅନ୍ୟମାନେ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି।

**ସରକାରୀ ବ୍ୟବସ୍ଥା ସ୍ଥାଣୁ**

# ୫୦ରୁ ଉର୍ଦ୍ଧ୍ୱ ସ୍କୁଲ କୋଠା ଅସୁରକ୍ଷିତ

ଛତ୍ରପୁର, ୫।୫(ସମିସ):

ଗଞ୍ଜାମ ଜିଲ୍ଲାରେ ଅନେକ ସରକାରୀ ବିଦ୍ୟାଳୟ କୋଠା ଅସୁରକ୍ଷିତ ଅବସ୍ଥାରେ ରହିଛି। ଯେଉଁଠାରେ ଭଙ୍ଗାଘର ସହିତ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ପାଚେରୀ ଗୁଡିକ ରହିଛି ସେଠାରେ କେତେବେଳେ ଅଘଟଣ ଘଟିବ କହି ହେବନି। ବିଶେଷକରି ଗ୍ରାମାଞ୍ଚଳର ବିଦ୍ୟାଳୟ ଗୁଡିକ ଏପରି ଅବସ୍ଥାରେ ଥିବା ଦେଖିବାକୁ ମିଳିଛି।

ଛତ୍ରପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୫୦ରୁ ଅଧିକା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟର ଅସୁରିକ୍ଷିତ ଅବସ୍ଥାରେ କୋଠା ରହିଛି। ସରକାର ତୁରନ୍ତ ଏପରି ବିଦ୍ୟାଳୟଗୁଡ଼ିକୁ ଚିହ୍ନଟ କରି ସମ୍ପୂର୍ଣ୍ଣ ଭାଙ୍ଗିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି। ସେଥିରୁ ଯେଉଁ ବିଦ୍ୟାଳୟ କୋଠା କିମ୍ବା ପାଚେରୀ ଗୁଡିକ ମରାମତି କିମ୍ବା ନୂତନ ଭାବେ ନିର୍ମାଣ କରିବା ଯୋଗ୍ୟ ତାହା ହୋଇପାରିବ। ତାହାକୁ ବିଚାର କରି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। କାହିଁକି ନା ବର୍ଷ ବର୍ଷ ଧରି ଏପରି ଅସୁରକ୍ଷିତ ଅବସ୍ଥାରେ ଥିବା ବିଦ୍ୟାଳୟ କୋଠା ଗୁଡିକ ଲଗାଣ ବର୍ଷା କିମ୍ବା ପବନ ଭାଙ୍ଗିଯିବ ସେତେବେଳେ ସାଧାରଣ ଲୋକ କିମ୍ବା ଛାତ୍ରଛାତ୍ରୀ ମାନେ ବିଭିନ୍ନ ଅସୁବିଧା ସମ୍ମୁଖୀନ ନ ହୁଅନ୍ତି।

ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଥିବା ପୁତିଗୋପାଳପୁର ପ୍ରାଥମିକ ବିଦ୍ୟାଳୟ, ବ୍ୟାରେକ ସ୍କୁଲ, ଅନସ୍ଲୋ ଉଚ୍ଚ ବିଦ୍ୟାଳୟର ଭଗ୍ନ ଅବସ୍ଥାରେ ଥିବା କୋଠା, ପୋଡାପଦର ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ, ନୋଳିଆ ନୂଆଗାଁ ୟୁଜିଏଚଏସ, ଆର୍ଯ୍ୟପଲ୍ଲୀ ଏସଏସ, ଜଗତପଲ୍ଲୀ ପ୍ରାଥମିକ ବିଦ୍ୟାଳୟ ଓ ବି.ପାଇକପଡା ଭଳି ବହୁ ସ୍କୁଲ ପରିସରରେ ଏଭଳି ଭଗ୍ନ ଅବସ୍ଥାରେ କୋଠା ଗୁଡିକ ରହିଛି। ଏନେଇ ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀଙ୍କୁ ପଚାରି ଥିବାରୁ ସେ କହିଛନ୍ତି ଏଭଳି ୫୦ରୁ ଅଧିକ ବିଦ୍ୟାଳୟ କୋଠା ଗୁଡିକ ଟିସିଙ୍କ ଦ୍ୱାରା ଚିହ୍ନଟ କରି ସମଗ୍ର ଶିକ୍ଷା ଅଭିଯାନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏବଂ ଛତ୍ରପୁର ବିଡ଼ିଓଙ୍କୁ ଅବଗତ କରାଯାଇଛି। ଏହାର ତାଲିକା ପ୍ରସ୍ତୁତ କରି ମଧ୍ୟ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।



ସକାଳ THE SAKALA



www.sakalaepaper.com

## ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ଅସ୍ତ୍ରୋପଚାର ମାଗଣା; ମେଡିସିନ ଓ ଛୁଞ୍ଚିସୂତା ୨୮୫୦ ଟଙ୍କା

ଶେରଗଡ଼,୫।୫(ସମିସ)




ଗଞ୍ଜାମ ଜିଲ୍ଲା ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରୁଥିବା ମହିଳାଙ୍କୁ ସରକାରଙ୍କ ତରଫରୁ ୧୪୦୦ ଟଙ୍କା ପ୍ରୋତ୍ସାହନ ରାଶି ଯାତାୟାତ ଲାଗି ୨୫୦ ଟଙ୍କା ଯୋଗାଇ ଦିଆଯାଉଛି। ପ୍ରୋତ୍ସାହନ ରାଶି ପାଉଛନ୍ତି ସତ, ତା ବଦଳରେ ଶୋଷଣର ଶିକାର ମଧ୍ୟ ହେଉଛନ୍ତି। ଏହି ଅସ୍ତ୍ରୋପଚାର ଲାଗି ଜଣେ ଷ୍ଟାଫ ନର୍ସ ଏବଂ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନେଇ ଏକ ଟିମ ଗଠନ ହୋଇଛି। ଏହି ଦୁଇ ଜଣ କେବଳ ଅସ୍ତ୍ରୋପଚାର ଲାଗି ଉଦ୍ଦିଷ୍ଟ ଏବଂ ଅସ୍ତ୍ରୋପଚାର କକ୍ଷରେ ଡାକ୍ତରଙ୍କୁ ସହଯୋଗ କରିବାକୁ ସକ୍ଷମ। ଅସ୍ତ୍ରୋପଚାର କକ୍ଷକୁ ଯିବା ପୂର୍ବରୁ ନର୍ସ ମହିଳାଙ୍କ ସ୍ୱାମୀଙ୍କ ଠାରୁ ଜୋର ଜବରଦସ୍ତ ଟଙ୍କା ଆଦାୟ କରନ୍ତି। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ରୋଗୀଙ୍କୁ ମାଗଣା ଅସ୍ତ୍ରୋପଚାର ଓ ଔଷଧ ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅସ୍ତ୍ରୋପଚାର ପରେ ମାଗଣା ଔଷଧ ପ୍ରଦାନ କରିବା ବଦଳରେ ମେଡ଼ିକାଲ ପରିସର ବାହାରେ ଥିବା ଔଷଧ ଦୋକାନୀଙ୍କ ସହ ଆଗରୁ ବୁଝାମଣା ହୋଇଥିବା ଦୋକାନରୁ ଔଷଧ ଆଣିବାକୁ ବାଧ୍ୟ କରାଯାଉଛି। ଏଭଳି ଘଟଣା ସୋମବାର ଦେଖିବାକୁ ମିଳିଛି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ନରେନ୍ଦ୍ରପୁର ଗ୍ରାମର କାଳୁ ଚରଣ ସ୍ୱାଇଁଙ୍କ ସ୍ତ୍ରୀ ମନୀଷା ସ୍ୱାଇଁ ପରିବାର ନିୟୋଜନ ଅସ୍ତ୍ରୋପଚାର ଲାଗି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଅସ୍ତ୍ରୋପଚାର କକ୍ଷକୁ ଯିବା ପୂର୍ବରୁ କାଳୁଙ୍କ ଠାରୁ ୭୦୦ ଟଙ୍କା ଦେବା ଲାଗି ବାଧ୍ୟ କରାଯାଇଥିଲା ଏବଂ କାଳୁ ଏହାର ବିରୋଧ କରିଥିଲେ। ଟଙ୍କା ନଦେଲେ ତମ ସ୍ତ୍ରୀର ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ନର୍ସ ଏବଂ ଝାଡୁଦାର ପ୍ରକାଶ କରିଥିଲେ। ଏହା ପରେ ପାଟିତୁଣ୍ଡ ହୋଇ କାଳୁ ୭୦୦ ଟଙ୍କା ପ୍ରଦାନ କରିଥିଲେ। ଅସ୍ତ୍ରୋପଚାର ପରେ କାଳୁଙ୍କୁ ଗୋଟିଏ ଔଷଧ ଦୋକାନର ନାମ କହି ସେଠାରୁ ଔଷଧ ଆଣିବାକୁ କୁହାଯାଇଥିଲା କିନ୍ତୁ କାଳୁ ଏହାର ବିରୋଧ କରିଥିଲେ। ଏହା ପରେ କାଳୁ ଅନ୍ୟ ଏକ ଔଷଧ ଦୋକାନରୁ ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଟଙ୍କାର ଔଷଧ ଆଣିଥିଲେ। ତାଙ୍କ କଥାରେ କାଳୁ ସହମତ ନହେବାରୁ ତାଙ୍କୁ ଅସ୍ତ୍ରୋପଚାର ଲାଗି ବ୍ୟବହୃତ ଛୁଞ୍ଚି ସୂତା ବାବଦରେ ୧୩୦୦ ଟଙ୍କା ଦେବା ଲାଗି ବାଧ୍ୟ କରିଥିଲେ ଏବଂ କାହିଁକି ୧୩୦୦ ଟଙ୍କା ଦେବି ବୋଲି କାଳୁ ବିରୋଧ କରିଥିଲେ। ସରକାର ଏହି ସବୁ ମାଗଣାରେ ପ୍ରଦାନ କରୁଛନ୍ତି ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଯୁକ୍ତିତର୍କ ହୋଇଥିଲା। ଏହା ପରେ ଘଟଣା ପ୍ରଘଟ ହୋଇଯିବ କାଳେ, ସେଠାରେ ହିଁ ଘଟଣାର ଯବନିକା ପଡିଥିଲା। ଏହି ଘଟଣାଟି ଘଟିବା ପରେ କାଳୁଚରଣ ସ୍ୱାଇଁ ଘଟଣା ବାବଦରେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ ଘଟଣା ବାବଦରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ହତ୍ୟା ମାମଲାରେ ଆଉ ଜଣେ ଗିରଫ

ବ୍ରହ୍ମପୁର,୫।୫(ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ବଡ଼ବଜାର ଥାନା ଅନ୍ତର୍ଗତ ରେଡିକାସାହିରଜି. ଭଗବାନରେଡ୍ଡୀଙ୍କୁ ଛୁରୀଭୂସି ହତ୍ୟା ମାମଲାରେ ପୁଲିସ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗୋସାଇଁନୂଆଗାଁ ଅଞ୍ଚଳର ସଦା ନାୟକ(୨୬)। ପୂର୍ବରୁ ଏହି ମାମଲାରେ ପୁଲିସ ରେଡିକା ସାହିର ଦମ୍ପତି କେ. ଲିଙ୍ଗା ରେଡି ଓ ତାଙ୍କ ପତ୍ନୀ ଲକ୍ଷ୍ମୀଙ୍କୁ ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହି ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ପାଟପୁରର କାଳୁ ଦଳେଇଙ୍କୁ ଗିରଫ କରିଥିଲା। ଆଜି ସଦାକୁ ଗିରଫ ପରେ ଏହି ହତ୍ୟା ମାମଲାରେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି।

## ପେଟ୍ରୋଲ ପମ୍ପରେ ମିଳୁନି 'ଫ୍ରି ଏୟାର'

ଭଞ୍ଜନଗର,୫।୫(ସମିସ): ଭଞ୍ଜନଗର ଉପଖଣ୍ଡର ଅଧିକାଂଶ ପେଟ୍ରୋଲ ପମ୍ପରେ ଗାଡ଼ିଚାଳକମାନଙ୍କ ବ୍ୟବହାର ପାଇଁ ମୁକ୍ତ ବାୟୁର ବ୍ୟବସ୍ଥା କରାଯାଉନଥିବା ଦେଖାଯାଇଛି। ଏପରିକି ଅନେକ ପମ୍ପରେ ଶୌଚାଳୟର ବ୍ୟବସ୍ଥା କରି ସୁଦ୍ଧା କେବଳ ସେହି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ଭରୁଥିବା ଗ୍ରାହକମାନଙ୍କୁ ମାଗଣା ଶୌଚାଳୟ ସୁବିଧା ଯୋଗାଉଥିବା ଦେଖାଯାଇଛି। ଉପଖଣ୍ଡର କିଛି ପେଟ୍ରୋଲ ପମ୍ପରେ ମାଲିକମାନେ ନିଜସ୍ୱ ଉଦ୍ୟମରେ ମୁକ୍ତବାୟୁ ବ୍ୟବସ୍ଥା କରିଥିବା ବେଳେ ଅଧିକାଂଶ ପମ୍ପରେ ଏହା କେବଳ ଧର୍ମକୁ ଆଖି ଠାର ଭଳି ରଖାଯାଇଛି। ଏପରିକି କିଛି ପମ୍ପରେ ଏଭଳି ବ୍ୟବସ୍ଥା ଆରମ୍ଭରୁ କାର୍ଯ୍ୟକ୍ଷମ କରାଯାଇ ନଥିବା ଦେଖାଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁସାରେ, ଉପଖଣ୍ଡର ଭଞ୍ଜନଗରରେ ୮ ଟି, ଆସିକାରେ ୪ଟି, ବୁଗୁଡାରେ ୬ଟି, ବେଲଗୁଣ୍ଠାରେ ୩ଟି, ଶେରଗଡ଼ରେ ୩ଟି, ସୋରଡ଼ାରେ ୫ଟି, ଜଗନ୍ନାଥପ୍ରସାଦରେ ୪ଟି ଓ ଧରାକୋଟରେ ୩ଟି ପେଟ୍ରୋଲ ପମ୍ପ ରହିଛି। ହେଲେ ଭଞ୍ଜନଗର ଉପଖଣ୍ଡର ପ୍ରାୟ ସମସ୍ତ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ କୌଣସି ପ୍ରକାର ମୌଳିକ ସୁବିଧା ମିଳୁନଥିବା ଅଭିଯୋଗ ହେଉଛି। ଏପରିକି ଅନେକ ପମ୍ପରେ ଏହି ବ୍ୟବସ୍ଥା ବର୍ଷବର୍ଷ ଧରି ଏୟାର ମେସିନ ଅଚଳ ହୋଇ ପଡି ରହୁଥିବାବେଳେ ଖୋଦ୍ ଉପଖଣ୍ଡ ମୁଖ୍ୟାଳୟ ଭଞ୍ଜନଗରରେ ଥିବା ବିଭିନ୍ନ ପେଟ୍ରୋଲ ପମ୍ପରେ ଏହି ସୁବିଧା ରହୁ ନଥିବା ଦେଖାଯାଇଛି। ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ସମ୍ପୃକ୍ତ ପମ୍ପ୍ ଗୁଡ଼ିକର ତଦାରଖ କରାଯାଉଥିବା ବେଳେ ଉପଖଣ୍ଡର ଅଧିକାଂଶ ପମ୍ପରେ ମୁକ୍ତବାୟୁ ସୁବିଧା ନଥିଲେ ମଧ୍ୟ କେଉଁ ଆଧାରରେ ସେମାନେ ପ୍ରମାଣପତ୍ର ଦେଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ମୌଳିକ ସୁବିଧାରୁ ବଞ୍ଚିତ ଗ୍ରାହକ**

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଆସିକା,୫।୪(ସମିସ): ଆସିକା ବ୍ଲକ ଦେବଭୂମି ପଞ୍ଚାୟତ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲବ ସେଠୀ, ସରପଞ୍ଚ ଅଶାନ୍ତି ସେଠୀ, ସମିତି ସଭ୍ୟ ଲକ୍ଷ୍ମୀ ବେହେରା, ପରିଚାଳନା ସଭାପତି ଉପେନ୍ଦ୍ର ମୁନି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୌରହରି ବେହେରା, ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ନାହାକ, କାହ୍ନୁ ଦଳାଇଙ୍କ ସମେତ ଅଭିଭାବକ ମାନେ ଉପସ୍ଥିତ ଥିଲେ। ଆସିକା ବ୍ଲକ ଅନ୍ତର୍ଗତ ଦେଭଭୂମି ପଞ୍ଚାୟତ ଅଧୀନରେ ଥିବା କର୍ପୁର ନୁଆଗାଁର ସୁମିତ୍ରା ବେହେରା, ପାୟଲ ଗୌଡ଼, ମାମୁଡିଅର ନୃସିଂହ ନାୟକ, ପ୍ରୀତି ନାୟକ, କେ. ନୂଆପଲ୍ଲୀର ତୃପ୍ତିରାଣୀ ପ୍ରଧାନଙ୍କୁ ଅତିଥି ମାନେ ସମାନିତ କରିଥିଲେ। ଗ୍ରାମାଞ୍ଚଳର ଏଭଳି ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ଉତ୍ତର ଉତ୍ତର ଉନ୍ନତି କାମନା କରି ଆଗକୁ ପଞ୍ଚାୟତର ନାମ ରଖିବାକୁ ପରାମର୍ଶ ଦେଇଥିଲେ।

## ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା



ଦିଗପହଣ୍ଡି,୫।୫(ସମିସ): ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ଅନ୍ତର୍ଗତ ସମସିଙ୍ଗି ଶାସନ ଗ୍ରାମରେ ପ୍ରାଚୀନ କାଳରୁ ପ୍ରତିଷ୍ଠିତ ମା'କାଳୁଆ ଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ହେଉଛି। ଏହି ଅବସରରେ ଜ୍ଞାନଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ଓ ଗୋଯଜ୍ଞ ଭଳି ପଞ୍ଚମହାଯଜ୍ଞ ଆୟୋଜିତ ହେଉଛି। ମୁଖ୍ୟ ପଣ୍ଡିତ ଭାବେ ଶିଶିର ତ୍ରିପାଠୀ ଓ ସୁରେଶ ଚନ୍ଦ୍ର ତ୍ରିପାଠୀଙ୍କ ସହ ଅନ୍ୟାନ୍ୟ ପଣ୍ଡିତମାନେ ଏହି କାର୍ଯ୍ୟସୂଚୀକୁ ପରିଚାଳନା କରୁଛନ୍ତି। ମଙ୍ଗଳବାର ଦିନ ସମସିଙ୍ଗି ଶାସନ ପାଶ୍ୱର୍ରେ ପ୍ରବାହିତ ପବିତ୍ର ବାହୁଦା ନଦୀର ବାରୁଣୀ ଘାଟରୁ ଜଳ ସଂଗ୍ରହ କରାଯାଇ ଭକ୍ତମାନେ ମୁଣ୍ଡରେ କଳସ ଧରି ପ୍ରାୟ ଚାରି କିଲୋମିଟର ପଦଯାତ୍ରା କରି ଭ୍ରମରପୁର ଗୋପୀନାଥ ମନ୍ଦିର ମାର୍ଗ ଦେଇ ଯଜ୍ଞ ପୀଠରେ ପହଞ୍ଚିଥିଲେ। ଶୁକ୍ରବାର ଦିନ ସିଂହାସନ ପ୍ରତିଷ୍ଠା, ଦେବୀଙ୍କ ନଗର ପରିଭ୍ରମଣ, ହୋମ, ସିଂହାସନ ଆରୋହଣ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ ସହ ଉତ୍ସବର ସମାପନ ହେବ। ଏହି ପବିତ୍ର ଅବସରରେ ଅଞ୍ଚଳର ସହସ୍ରାଧିକ ଭକ୍ତମାନେ ଯୋଗଦାନ କରି ଉତ୍ସବକୁ ସଫଳ କରୁଛନ୍ତି।

## ଶିକ୍ଷକ ସଂଘର ଶପଥ ଗ୍ରହଣ ଉତ୍ସବ




ଧରାକୋଟ,୫।୫(ସମିସ): ଧରାକୋଟ ବ୍ଲକ ଏୟୁପିଟିଏଫ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ଉତ୍ସବ ନିକଟସ୍ଥ ବାଲ୍ମିକେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଗଞ୍ଜାମ ଜିଲ୍ଲା ସଭାପତି ସାରଥୀ ପାତ୍ର, ଜିଲ୍ଲା ସଂଯୋଜକ ଦେବବ୍ରତ ପଟ୍ଟନାୟକ, ହିଞ୍ଜିଳି କାଟୁ ବ୍ଲକ ସଭାପତି ଉଲ୍ଲାସ ବେହେରା, ଆସିକା ବ୍ଲକ ସମ୍ପାଦକ ଅର୍ଜୁନ ନାହାକ, ଏକ୍ସ କ୍ୟାଡ଼ର ରାଜ୍ୟ ଉପ ସଭାପତି ବୁଲୁ ବେହେରା, ସୋରଡା ଏକ୍ସ କ୍ୟାଡ଼ର ସଭାପତି ପଞ୍ଚାନନ ଗୌଡ଼ ଯୋଗ ଦେଇଥିଲେ। ଧରାକୋଟ ବ୍ଲକର ନବ ନିର୍ବାଚିତ ସଭାପତି ଅରୁଣ ପଟ୍ଟନାୟକ, ଉପସଭାପତି ଭାସ୍କର ବାଡତ୍ୟା, ସ୍ୱପ୍ନାରାଣୀ ବେହେରା, ସମ୍ପାଦକ ପ୍ରଶାନ୍ତ ପାଣିଗ୍ରାହୀ, ସହ ସମ୍ପାଦକ ବସନ୍ତ ବିଷୋୟୀ, ଦମୟନ୍ତୀ ଦାସ, ବାଇନଥ ସାହୁ, ଜିଲ୍ଲା ସଦସ୍ୟ ସନ୍ତୋଷ ପଟ୍ଟନାୟକ, ଅମୂଲ୍ୟ ଚନ୍ଦ୍ର ମିଶ୍ର, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, କୋଷାଧ୍ୟକ୍ଷ କାଳୁ ଚରଣ ଗୌଡ଼ ବ୍ଲକ ସଂଯୋଜକ ରବୀନ୍ଦ୍ର ନାଥ ପଲାଇ ପ୍ରମୁଖ ଶପଥ ଗ୍ରହଣ କରିଥିଲେ। ଉପଦେଷ୍ଟା ଶୁକ୍ରୁ ବେହେରା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ବ୍ରହ୍ମପୁର,୫।୫(ସମିସ): ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ଛକରେ ମଙ୍ଗଳବାର ରାତିରେ ଏକ ଅଟୋ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲକୃଷ୍ଣପୁର ଗ୍ରାମର ବିଜୟ ରଣା। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅଟୋ ଓ ବାଇକ୍‌କୁ ଜବତ କରିଛି। ଅଟୋ ଚାଳକ ଥାନରେ ଅଟକ ଥିବା ପୁଲିସ କହିଛି। ପ୍ରକାଶ ଯେ, ଏକ ବାଇକ୍ (ନଂ.ଏପି୩୦ଏଏସ୍-୨୯୩୩) ଲାଞ୍ଜିଆ ଅଭିମୁଖେ ଯାଉଥିବା ବେଳେ ରାତି ପ୍ରାୟ ୧୦ଟାବେଳେ ବାଇକ୍ ପଛପଟୁ ଏକ ଅଟୋ (ନଂ. ଓଡ଼ି ୦୭ବିଇ ୩୩୦୮) ଧକ୍କା ଦେଇଥିଲା। ବାଇକ୍ ଚାଳକ ରାସ୍ତାରେ ଛିଟିକି ପଡ଼ିଥିବାବେଳେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଛନ୍ତି। ପୁଲିସ ଡ୍ରାଇଭରକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୫।୫(ସମିସ): ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଷ୍ଣୁଚକ୍ର କ୍ଲଷ୍ଟର ଅନ୍ତର୍ଗତ ସୋରୋଡ ଗ୍ରାମସ୍ଥ ଶ୍ରୀବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ନିବେଦିତା ବେହେରା ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ୫୬୩(୯୩.୮୩%)ମାର୍କ ହାସଲ କରି ବୁଗୁଡା ବ୍ଲକ ଟପ୍ପର ରୂପେ ବିବେଚିତ ହୋଇଥିବା ବେଳେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସୋରୋଡ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ଡାକୁଆ ଯୋଗ ଦେଇଥିଲେ। ଏ ଅବସରରେ ବୁଗୁଡା ବ୍ଲକ ଟପ୍ପର ଛାତ୍ରୀ ନିବେଦିତା ବେହେରା ଏବଂ ବିଦ୍ୟାଳୟର ଅନ୍ୟତମ ଏ-୧ ଗ୍ରେଡ୍ ଛାତ୍ରୀ କୋମଳ ବେହେରାଙ୍କ ସମେତ ଛାତ୍ର ଆଶୁତୋଷ ସ୍ୱାଇଁ ଓ ସୋନାଲି ଦାସ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଉମାକାନ୍ତ ଦାଶ, ହରେକୃଷ୍ଣ ଦୁହୁଡି, ସତ୍ୟବାନ ସାହୁ ଓ ଶିକ୍ଷୟିତ୍ରୀ ବନିତା ବେହେରା ଉପସ୍ଥିତ ରହି ମେଧାବୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ସହ ତାଙ୍କର ଶୁଭକାମନା କରିଥିଲେ। ଶିକ୍ଷକ ଦିନବନ୍ଧୁ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଧରାକୋଟ,୫।୫(ସମିସ): ମାଟ୍ରିକ ପରୀକ୍ଷାରେ ଧରାକୋଟ ବ୍ଲକ ସ୍ତରରେ ଟପ୍ପର ହୋଇଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରେଡ୍ଡୀ ଦାମୋଦରପଲ୍ଲୀର ଛାତ୍ର ବି. ଗଣେଶ ରେଡି (୫୪୦)ଗ୍ରେଡଏଙ୍କୁ ଆଜି ରେଡ୍ଡୀ ଦାମୋଦରପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରି ଶାନ୍ତିଲତା ସିଂହଙ୍କ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଇଓ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଏ ବି ଇ ଓ ସୌରୀ ଶଙ୍କର ବେହେରା, ରେଡ୍ଡୀ ଦାମୋଦର ପଲ୍ଲୀ ସରପଞ୍ଚ କମଳ ଲୋଚନ ରେଡ୍ଡୀ, ସିଆରସିସି ଶର୍ମିଷ୍ଠା ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ମୁନୀ ଉପସ୍ଥିତ ରହିଥିଲେ। ପଞ୍ଚାୟତ ତରଫରୁ ଗଣେଶଙ୍କୁ ପାଞ୍ଚହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ଶିକ୍ଷକ ଦିଲୀପ ଜୟସିଂ, ଅଞ୍ଜନା ପାଣିଗ୍ରାହୀ, କମଳ କୁମାରୀ ହୋତା, ରୋଜାଲିନ ବେହେରା, ସିଦ୍ଧାର୍ଥ ବେହେରା, ମଧୁସ୍ମିତା ବେହେରା, ପିଣ୍ଟୁ ବେହେରା, ଆଲୋକ ଯମୁନା, ମଞ୍ଜୁଲତା ସାହୁ ଓ ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ ପ୍ରଦାନ କରିଥିଲେ। ସମସ୍ତ ଏସଏମସି ସଦସ୍ୟ ଉପସ୍ଥିତ ରହିଥିଲେ।

## ସୁଧାଂଶୁ ଗଞ୍ଜାମ ବ୍ଲକ ଟପ୍ପର



ରମ୍ଭା,୫।୫(ସମିସ): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ରମ୍ଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବୋର୍ଡ ପରୀକ୍ଷାରେ ଶିଶୁ ସୁଧାଂଶୁ ଶେଖର ପଣ୍ଡା ସର୍ବାଧିକ ୫୪୭ନମ୍ବର (୯୧.୧୬%) ରଖି ଗଞ୍ଜାମ ବ୍ଲକ ଟପ୍ପର ହୋଇଛନ୍ତି। ସେ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପଣ୍ଡା ଓ ମାତା ତଥା ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଣ୍ଡାଙ୍କ ପୁଅ ଅଟନ୍ତି। ଏମାନଙ୍କ ସଫଳତା ନିମନ୍ତେ ପରିଚାଳନା କମିଟି, ପ୍ରଧାନାଚାର୍ଯ୍ୟ ଓ ସମସ୍ତ ଗୁରୁଜୀ, ଗୁରୁମା ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଏହି ଅବସରରେ ସମସ୍ତ କୃତୀ ଶିଶୁ ଭାଇ ଭଉଣୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଯାହାଡ଼ାରେ ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା



ଧରାକୋଟ,୫।୫(ସମିସ): ଧରାକୋଟ ବ୍ଲକ ଜାହାଡା ଗ୍ରାମରେ ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଉତ୍ତର ବାଙ୍କରେ ମା'ଦଣ୍ଡକାଳୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଅବସରରେ ନାମଯଜ୍ଞ,ଘୃତଯଜ୍ଞ, ଗୋ ଯଜ୍ଞ, ଜ୍ଞାନଯଜ୍ଞ, ଅର୍ଣ୍ଣଯଜ୍ଞ, ସୂର୍ଯ୍ୟ ପୂଜା, ସଲା ପୂଜା ,ଅଧିବାସ, ହୋମ,ଦେବୀ ପ୍ରତିଷ୍ଠା,ନଗର ଭ୍ରମଣ ପରେ ଦେବୀଙ୍କ ମନ୍ଦିର ପ୍ରବେଶ ହୋଇଥିଲା। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ପ୍ରତିଷ୍ଠା କାର୍ଯ୍ୟରେ ଯୋଗଦେଇଥିଲେ।

## ବିଜେଡ଼ିର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ବିପ୍ଳବ



ଦିଗପହଣ୍ଡି,୫।୫(ସମିସ): ବିଜୁ ଜନତା ଦଳ ସଂଗଠନକୁ ଦୃଢ଼ୀଭୂତ କରିବା ଉଦ୍ଦେଶ୍ୟରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କୁ ମଙ୍ଗଳବାର ବିଜେଡ଼ି ସୁପ୍ରିମୋ ତଥା ରାଜ୍ୟସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ବିପ୍ଳବ ପୂର୍ବରୁ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଦାୟିତ୍ୱରେ ରହିଥିଲେ। ପୂର୍ବରୁ ତାଙ୍କ ପିତା ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ର ଦୀର୍ଘବର୍ଷ ଧରି ଦିଗପହଣ୍ଡି ଓ ମୋହନା ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ଲଗାତର ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରୀ ମଣ୍ଡଳର ବିଭିନ୍ନ ବିଭାଗର ଦାୟିତ୍ୱରେ ରହିବା ସହ ବାଚସ୍ପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଦଳୀୟ କାର୍ଯ୍ୟକର୍ତ୍ତା ଭାବେ ତାଙ୍କୁ ନିଯୁକ୍ତି ମିଳିବାପରେ ସମଗ୍ର ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ଶିବିରରେ ଖୁସିର ଲହରି ଖେଳିଯାଇଛି। ତାଙ୍କର ନେତୃତ୍ୱ ଓ ସଂଗଠନ ଦକ୍ଷତା ଦଳକୁ ଆଗକୁ ନେବାରେ ନିଶ୍ଚିତ ଭାବେ ନୂଆ ଶକ୍ତି ଓ ପ୍ରେରଣା ଦେବା ସହ ସମଗ୍ର ଦିଗପହଣ୍ଡି ନିର୍ବାଚନୀ ମଣ୍ଡଳୀରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଦଳୀୟ କର୍ମୀ ମତ ରଖିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ବିପ୍ଳବ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ଦଳୀୟ କର୍ମୀମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ଗଞ୍ଜାମ ଜିଲ୍ଲା ସମେତ ଦିଗପହଣ୍ଡି ବିଜୁ ଜନତାଦଳ କାର୍ଯ୍ୟକର୍ତ୍ତା ବୃନ୍ଦ ବିପ୍ଳବଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଘରୋଇ ହିଂସା ବିରୋଧରେ ଗୋଷ୍ଠୀ କୈନ୍ଦ୍ରିକ ଆଲୋଚନାଚକ୍ର

ଛତ୍ରପୁର,୫।୫(ସମିସ)




ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜଉଗଡ ସଭାଗୃହ, ଜିଲ୍ଲା ପରିଷଦ, ଗଞ୍ଜାମ ପରିସରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଘରୋଇ ହିଂସା ବିରୁଦ୍ଧରେ ସମ୍ପ୍ରଦାୟ ଭିତ୍ତିକ ନେତୃତ୍ୱକାରୀ ଅଂଶୀଦାର ମାନଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରଫେସର ଦିପ୍ତିମୟୀ ମିଶ୍ର, ଗଞ୍ଜାମ ପୁଲିସ୍ ଜିଲ୍ଲାର ଡିଏସ୍‌ପି ଗିରିଜା ପ୍ରସାଦ ପଟ୍ଟନାୟକ, ସମାଜସେବୀ ତଥା ସ୍ତମ୍ଭକାର ପ୍ରଶାନ୍ତ କୁମାର ଶତପଥୀ ଏବଂ ମହିଳାଙ୍କ ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ, ଅଙ୍ଗନବାଡ଼ି ଦିଦି, ଜେଣ୍ଡର ସଂଯୋଜିକା, ବିଭିନ୍ନ ଏନଜିଓ ଗଞ୍ଜାମ ଓ ଗଜପତିର ପ୍ରବନ୍ଧକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବିଭାଗଙ୍କ ସୁରକ୍ଷା ଅଧିକାରୀ, ପ୍ରେରଣା ଦିଦି, ସମାଜ ସେବକ, ପୀଡ଼ିତା, ଆଶା ଦିଦି, ମେଡିକାଲ୍ ଅଫିସର୍, ଶକ୍ତି ସଦନର ଅଧିକ୍ଷକ, ସଖୀ କେନ୍ଦ୍ରର ସଂଯୋଜିକା, ମନ୍ଦିର ପୂଜକ, ପ୍ରମୁଖ ବରିଷ୍ଠ ସାମ୍ବାଦିକ ମାନେ ଯୋଗଦେଇ ଘରୋଇ ହିଂସା ଏବଂ ଯୌତୁକ ନିରୋଧ ଆଇନ୍ ବାବଦରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା, ରାଜ କିଶୋର ପଣ୍ଡା ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷକ ଶ୍ରୀକାନ୍ତ ସାହୁ ପରିଚାଳନା କରିଥିଲେ। ପରିଶେଷରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଅତିରିକ୍ତ ଶ୍ରେଣୀଗୃହ ଓ ସୁଭଦ୍ରାଶକ୍ତି କେନ୍ଦ୍ର ଉଦ୍‌ଘାଟିତ



ପାରଳାଖେମୁଣ୍ଡି,୫।୫(ସମିସ): ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳ ଗସ୍ତ କରି ଶ୍ରେଣୀ ଗୃହ ଓ ସୁଭଦ୍ରାଶକ୍ତି କେନ୍ଦ୍ର ଉଦଘାଟନ କରିଛନ୍ତି। କେ.ସୀତାପୁର ପଞ୍ଚାୟତ ଶ୍ରୀବିଷ୍ଣୁପୁର ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ସେଠାରେ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଶୁଭ ଉଦ୍‌ଘାଟନ କରିଥିଲେ। ଏହା ପରେ ଖାରଡା ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଏକ ଅତିରିକ୍ତ ଶ୍ରେଣୀ ଗୃହ ଶୁଭ ଉଦଘାଟନ କରିଥିଲେ। ସେହିପରି ଖାରଡା ଗ୍ରାମରେ ମହିଳାଙ୍କ ପାଇଁ ପଞ୍ଚାୟତସ୍ତରୀୟ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦଘାଟନ କରିଥିଲେ। ଏହି ସବୁ କୋଠା ପୂର୍ବ ସରକାର ଦେଇଥିବା ଟଙ୍କାରେ ନିର୍ମାଣ ହୋଇଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ସରପଞ୍ଚ କେ.ତେଜେଶ୍ୱର ରାଓ। ଏହି ଉଦଘାଟନୀ ଉତ୍ସବରେ ବିଧାୟକଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା, ଖାରଡା ସରପଞ୍ଚ ଅଖିଳ କୁମାର ପାତ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟରକୁ ୫୧ ହଜାର ଜରିମାନା



ପାରଳାଖେମୁଣ୍ଡି,୫।୫(ସମିସ): କାଶୀନଗର ବ୍ଲକ ସିଦ୍ଧାମଡଙ୍ଗ ଗ୍ରାମାଞ୍ଚଳରେ ବେଆଇନ ବାଲି ଚାଲାଣ ଟ୍ରାକ୍ଟର ପ୍ରବେଶ କରିବା ସମୟରେ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଧରିଥିଲା। ଟ୍ରାକ୍ଟର ସିଧାମଡ଼ଙ୍ଗ-ପାରଳାଖେମୁଣ୍ଡି ରାସ୍ତାରେ ଚଳାଚଳ କରୁଥିବା ବେଳେ ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା। ଗାଡ଼ି ଚାଳକ ସଠିକ ନଥିପତ୍ର ଦେଖାଇ ନପାରିବାରୁ ଅଟକ ରଖାଯାଇଛି। ତେବେ ଏହି ଟ୍ରାକ୍ଟର ଠାରୁ ଜରିମାନା ବାବଦରେ ୫୧ ହଜାର ଟଙ୍କା ଭରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଆଦାୟ ପରେ ଛଡାଯିବ ବୋଲି ଜିଲ୍ଲା ଖଣି ଅଧିକାରୀ ଶ୍ରୀ ପରିଡା କହିଛନ୍ତି।

# ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଗଠନ ନିମନ୍ତେ ବିଡିଓଙ୍କୁ ସ୍ମାରକପତ୍ର



ନୂଆଗଡ଼,୫।୫(ସମିସ): ନୂଆଗଡ଼ ବ୍ଲକ ଲାଞ୍ଜିଆ ସଉରା ଉନ୍ନୟନ ପରିଷଦ ପକ୍ଷରୁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା ଗଠନ ନିମନ୍ତେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ଅନୁସାରେ ଗୁମା ବ୍ଲକ ସେରଙ୍ଗ ଠାରେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥାର କାର୍ଯ୍ୟକ୍ରମରେ ନୂଆଗଡ଼ ବ୍ଲକକୁ ମଧ୍ୟ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। କାରଣ ଏହି ବ୍ଲକରେ ୧୯ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଲାଞ୍ଜିଆ ସଉରା ଅନୁସୂଚିତ ଜନଜାତିର ବନବାସୀ ବସବାସ କରି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ଚିହ୍ନଟ କରି ମାନ୍ୟତା ଦିଆଯାଇନାହିଁ। ଏହିଭଳି ଲୋକଙ୍କୁ ଚିହ୍ନଟ କରାଯାଇ ସଉରା ଗୋଷ୍ଠୀ ମାନ୍ୟତା ଦେବାକୁ ଦାବି କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜୀବନଜୀବିକା ଶୋଚନୀୟ ଅବସ୍ଥାରେ ରହିଛି। ତେଣୁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥାରେ ଅନ୍ତର୍ଭୁକ୍ତ କଲେ ସ୍ୱତନ୍ତ୍ର ସୁବିଧା ପାଇପାରିବୁ ବୋଲି ନିବେଦନ କରାଯାଇଛି। ଏହାସହ ପରମ୍ପରା, ସଂସ୍କୃତି, ଭାଷାରୁ ବଞ୍ଚିତ ହେଉଥିବା କୁହାଯାଉଛି। ଏହିଭଳି ଲାଞ୍ଜିଆ ସଉରାକୁ ଚିହ୍ନଟକରି ସଂସ୍ଥାରେ ସମିଲା କରିବାକୁ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା, ଜିଲ୍ଲାପାଳ, ପିଆଇଟିଡିଏ ଭଳି ୭ ବିଭିନ୍ନ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଥିବା ସଭାପତି କହିଛନ୍ତି। ଆଜିର ସ୍ମାରକପତ୍ର ପ୍ରଦାନ ସମୟରେ ବ୍ଲକ ଲାଞ୍ଜିଆ ସଉରା ଉନ୍ନୟନ ପରିଷଦ ସଭାପତି ନରସିଂହ ମଣ୍ଡଳ, ଉପସଭାପତି ଫିଲିପ ମଣ୍ଡଳ, ସମ୍ପାଦକ ଏଲିଆଜର ମଣ୍ଡଳ, ସହସମ୍ପାଦକ ଥମାସ ମଣ୍ଡଳ, କୋଷାଧ୍ୟକ୍ଷ ସର୍ବଶ୍ରୀ ଗମାଙ୍ଗ, ଉପଦେଷ୍ଟା ସୁବାସିନୀ ମଣ୍ଡଳ ସମେତ ବହୁ ସଉରା ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡି ବାଇପାସ୍ ରାସ୍ତା ନିର୍ମାଣ

# ବେସରକାରୀ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

ପାରଳାଖେମୁଣ୍ଡି,୫।୫(ସମିସ):



ପାରଳାଖେମୁଣ୍ଡି ବାଇପାସ୍ ରାସ୍ତା ନିର୍ମାଣ ନିମନ୍ତେ ସାତଖଣ୍ଡ ଗ୍ରାମରୁ ୩୩.୪୩ ଏକର ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ କରାଯାଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ନିମନ୍ତେ ଜନଶୁଣାଣି ହେଉଛି। ଏହି ପରିପ୍ରେକ୍ଷୀରେ ଆଜି ହାତୀବାଡି ଗୋପୀନାଥପୁର, ରେଲିସାହି ପାରଳାଖାସ୍ୱାର ପ୍ରଭୃତି କ୍ଷତିଗ୍ରସ୍ତ ଗ୍ରାମର ଅଧିବାସୀଙ୍କ ଉପସ୍ଥିତିରେ ଜନଶୁଣାଣି ସଭା ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ସଭାଗୃହରେ ହୋଇଥିଲା। ଏଥିର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ବିସ୍ତୃତ ଭାବେ ଆଲୋଚନା କରିବା ସହ କ୍ଷତିଗ୍ରସ୍ତଙ୍କ ଲାଗି ଥିବା ସମସ୍ତ ସରକାରୀ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

"ପାରଳାଖେମୁଣ୍ଡି ବାଇପାସ୍ ରାସ୍ତା' ପ୍ରକଳ୍ପ ପାରଳାଖେମୁଣ୍ଡି ସହର ନିକଟରେ ରହିଛି। ସାର୍ବଜନୀନ ଉଦ୍ଦେଶ୍ୟ ସମ୍ପର୍କେ ସୂଚନା ଦେବାକୁ ଯାଇ ଜିଲ୍ଲାପାଳ ଶ୍ରୀ ଅଗୱାଲ କହିଛନ୍ତି ଯେ, ପାରଳାଖେମୁଣ୍ଡିରେ ବାଣିଜ୍ୟିକ, ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରରେ ବୃଦ୍ଧି ପାଉଥିବା କାର୍ଯ୍ୟକଳାପ ଯୋଗୁଁ ସୃଷ୍ଟି ହେଉଥିବା ଅତିରିକ୍ତ ପରିମାଣର ଯାନବାହାନ ଭିଡ଼କୁ ହ୍ରାସ କରିବା ନିମନ୍ତେ ଦୀର୍ଘବର୍ଷ ଧରି ବାଇପାସ୍ ରାସ୍ତା ପାଇଁ ଦାବି ହୋଇଆସୁଥିଲା। ଏହି ଅଞ୍ଚଳରେ ଯାତାୟାତ ବ୍ୟବସ୍ଥାକୁ ସହଜ କରିବା ନିମନ୍ତେ ଏବଂ ପର୍ଯ୍ୟଟନକୁ ବିକାଶ ପାଇଁ, ରାସ୍ତା ଏବଂ କୋଠା ବିଭାଜନ ପାରଳାଖେମୁଣ୍ଡି ଚାରିପାଖରେ ଏକ ବାଇପାସ୍ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛି। ବାଇପାସ୍ ରାସ୍ତା ନିର୍ମାଣ ହେତୁ ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ଜଗତସିଂହପୁର, ଯାଜପୁର, ହାତୀବାଡି ଗୋପିନାଥପୁର, ରେଲିସାହି ଏବଂ ପାରଳାଖାସପା ଗ୍ରାମ ଏବଂ ଗୁମ୍ମା ତହସିଲ ବେତାଗୁଡ଼ା ଏବଂ ଜାମି ଗ୍ରାମ ପ୍ରଭାବିତ ହେବ। ଏଥିଲାଗି ରାଜ୍ୟ ସରକାର ବେସରକାରୀ ଜମି ଅଧିଗ୍ରହଣ କରିବେ। ଯଥା ସମ୍ଭବ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାର କ୍ଷତିପୂରଣ ଦେବେ। ତେଣୁ ସଭିଏଁ ଏହି ବାଇପାସ୍ ରାସ୍ତା ନିର୍ମାଣ ପାଇଁ ସହଯୋଗ କଲେ ଜିଲ୍ଲାର ବିକାଶ ଧାରା ଆଗକୁ ବଢିବ। ମୋହନା ଠାରୁ ଆସିଥିବା ଜାତୀୟରାଜପଥନଂ.୩୨୬-ଏ କୁ କାଶୀନଗର ଆଡକୁ ଯାଇଥିବା ରାଜ୍ୟ ରାଜପଥ-୪ ସହିତ ସଂଯୋଗ କରୁଥିବା ଏକ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ପ୍ରସ୍ତାବିତ ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଜାତୀୟ ରାଜପଥ ୩୨୬-ଇ ରେ ଆସି ରାଜ୍ୟ ରାଜପଥ-୪ରେ କାଶୀନଗର ଆଡକୁ ଯାଉଥିବା ଭାରୀ ଯାନବାହନକୁ ପାରଳାଖେମୁଣ୍ଡି ସହର ମଧ୍ୟ ଦେଇ ଯିବାକୁ ନଦେଇ ଅନ୍ୟ ଏକ କମ୍ ଭିଡ଼ ଓ ସ୍ୱଳ୍ପ ଦୂରତା ବିଶିଷ୍ଟ ରାସ୍ତାରେ କାଶୀନଗର ଆଡକୁ ଯିବାର ସୁଯୋଗ ପ୍ରଦାନ କରିବା। ଜାତୀୟ ରାଜପଥ - ୩୨୬ଇ (ଜାତୀୟ ରାଜପଥ ୩୨୬ର ଅଂଶ) ଦକ୍ଷିଣ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ। ଯାହାକୁ ୨ ଲେନ୍ ରାସ୍ତାରେ ପ୍ରଶସ୍ତ ଏବଂ ମଜଭୁତ କରିବା ପାଇଁ ଅନୁମୋଦନ କରାଯାଇଛି। ଯାହା ଗଜପତି, ରାୟଗଡା ଏବଂ କୋରାପୁଟ ଜିଲ୍ଲାରେ ଯୋଗାଯୋଗକୁ ଉନ୍ନତ କରିବା ସହ ଆଞ୍ଚଳିକ ବିକାଶକୁ ବୃଦ୍ଧି କରିବ ଏବଂ ଯାତ୍ରା ସମୟକୁ ଅନେକ ପରିମାଣରେ ହ୍ରାସ କରିବ।

ଏହି ରାସ୍ତାର ଅଧ୍ୟୟକାରୀ ସଂସ୍ଥା ଭାବେ ଢେଙ୍କାନାଳ ସ୍ଥିତ ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ଦାୟିତ୍ୱ ନେଇଛି। ଜନଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଶେକ ସେଠୀ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ଅଧ୍ୟୟନକାରୀ ସଂସ୍ଥା ଅରୁନ୍ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନ ତରଫରୁ ମନୋରଞ୍ଜନ ମିଶ୍ର ଓ ଜଗମୋହନ ଦେବତାଙ୍କ ସମେତ ବିଭିନ୍ନ ୱାର୍ଡ କାଉନସିଲର, ପୌରକର୍ମଚାରୀ ଏବଂ ହାତୀବାଡିଗୋପୀନାଥପୁର, ରେଲିସାହି ପାରଳାଖାସ୍ୱା ମୌଜାର କ୍ଷତିଗ୍ରସ୍ତ ହେବାକୁ ଥିବା ଜମି ମାଲିକ ଯୋଗ ଦେଇଥିଲେ। ରାସ୍ତା ଓ କୋଠାବାଡି ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏହି ସଭା ଆୟୋଜନ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱର ସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରର ସୌଜନ୍ୟରେ ହୋଇଥିଲା।

# ବିଜେପିର ଜନ ଆକ୍ରୋଶ ମହିଳା ପଦଯାତ୍ରା

ବୁଗୁଡ଼ା,୫।୫(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ବିଜେପି ମଣ୍ଡଳସ୍ତରୀୟ ଜନ ଆକ୍ରୋଶ ମହିଳା ପଦଯାତ୍ରା ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ରଜନୀ ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଲୋକସଭାରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ କାଟ୍ ଖାଇବା ନେଇ ବିଭିନ୍ନ ମହିଳା ସଙ୍ଗଠନ ପକ୍ଷରୁ ମହିଳା ଆକ୍ରୋଶ ପଦଯାତ୍ରା ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯାଉଛି। ଏହି କ୍ରମରେ ଶନିବାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ କରଚୁଲି ଗ୍ରାମ ଠାରେ ମଣ୍ଡଳ ସ୍ତରୀୟ ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ପକ୍ଷରୁ ବିଶାଳ ଜନ ଆକ୍ରୋଶ ପଦଯାତ୍ରା କରାଯାଇଛି। ଏଥିରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପଢିଆରୀ, ମଣ୍ଡଳ ସଭାପତି ସୁନୀଲ ପ୍ରଧାନ, ବିଧାୟକ ପ୍ରତିନିଧି ହରିକୃଷ୍ଣ ସାହୁ, ଜିଲ୍ଲା ଉପସଭାପତି ସୁନୀଲ କୁମାର ପାଢ଼ୀ, ତାକରଡା ସରପଞ୍ଚ ତଥା ମଣ୍ଡଳ ପ୍ରଭାରୀ ଦିଲ୍ଲୀପ କୁମାର ପ୍ରଧାନ, କରଚୁଲି ସମିତିସଭ୍ୟ ଶ୍ରୀହର୍ଷ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବା ପ୍ରଧାନ, ଚିତ୍ତରଞ୍ଜନ ନାୟକ, ନିରଞ୍ଜନ ଗୌଡ଼, ସୁବ୍ରତ ସ୍ୱାଇଁ, ପ୍ରଫୁଲ୍ଲ ଗୌଡ, ହରି ସେଠୀ, ପ୍ରମୋଦ ରାଉତ ଓ କରଚୁଲି ମଣ୍ଡଳ ଅଧିନର ସମସ୍ତ ପଞ୍ଚାୟତର ପ୍ରମୁଖ ଓ ବରିଷ୍ଠ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଦେଶୀ ବନ୍ଧୁକ ତିଆରି କାରଖାନା ଠାବ; ଜଣେ ଗିରଫ

## ବିସ୍ଫୋରକ ଓ ସରଞ୍ଜାମ ଜବତ




ତୁମୁଡିବନ୍ଧ/ବାଲିଗୁଡ଼ା,୫।୫(ସମିସ): ତୁମୁଡିବନ୍ଧ ପୁଲିସ ସୂଚନା ପାଇ ଲାବଣ୍ୟନଗର ଅଞ୍ଚଳର ଗୋଟିଏ ଘରେ ଚଢ଼ଉ କରି ୩ ଦେଶୀ ବନ୍ଧୁକ, ଅର୍ଦ୍ଧନିର୍ମିତ ଭାବେ ରହିଥିବା ୨ ଦେଶୀ ବନ୍ଧୁକ, କିଛି ଗୁଳି, ହାମର, ଇଲେକ୍ଟ୍ରି ଡ୍ରିଲିଙ୍ଗ ମେସିନ ଏବଂ ଅନେକ ବନ୍ଧୁକ ନିର୍ମାଣ ଓ ମରାମତିରେ ବ୍ୟବହାର ଜିନିଷ ଜବତ କରିଛି। ଏଥିସହ କିଛି ବିସ୍ଫୋରକ ମଧ୍ୟ ଜବତ କରିବା ସହ ବନ୍ଧୁକ ତିଆରି କରୁଥିବା ଜଣେ ବ୍ୟକ୍ତିକୁ ଗିରଫ କରିଛି। ଗିରଫ ଜଣକ ଲାବଣ୍ୟନଗର ଗ୍ରାମର ଦୈତାରୀ ବିନ୍ଧାଣି। ଦୈତାରୀ ନିଜ ବାସଭବନରେ ଦେଶୀ ବନ୍ଧୁକ ତିଆରି ଓ ମରାମତି କରୁଥିଲେ। ତୁମୁଡିବନ୍ଧ ଅଞ୍ଚଳରେ ଯେତିକି ବି ଦେଶୀ ବନ୍ଧୁକ ବ୍ୟବହାର ହେଉଛି ସେ ତିଆରି କରିଥିବା ଏବଂ ଶିକାର ବେଳେ ଖରାପ ହେଇଯାଉଥିବା ଶିକାରୀଙ୍କ ବନ୍ଧୁକକୁ ସେ ମରାମତି କରୁଥିଲେ। ଶିକାରୀଙ୍କୁ ଆବଶ୍ୟକ ହେଉଥିବା ନୂଆ ବନ୍ଧୁକ କିମ୍ବା ଗୁଳି ବାରୁଦ ଦୈତାରୀ ଯୋଗାଉ ଥିଲେ। ଦୈତାରୀ ବନ୍ଧୁକ ମରାମତି କାମ କେଉଁଠୁ ଶିଖିଲେ ନାଁ ତାଙ୍କ ପଛରେ ଅନ୍ୟ କେହି ଦ୍ୱିତୀୟ ବ୍ୟକ୍ତିଙ୍କ ସହଯୋଗ ରହିଛି ତାହା ଜଣାପଡିନାହିଁ। ପୁଲିସ ଦୈତାରୀଙ୍କୁ ପଚରା ଉଚୁରା କଲେ ଅନେକ ତଥ୍ୟ ମିଳିବ ଏବଂ ଏହି ତଥ୍ୟ ଆଧାରରେ ଦେଶୀ ବନ୍ଧୁକ ବ୍ୟବହାର କରୁଥିବା ଶିକାରୀଙ୍କ ପାଖରେ ପହଞ୍ଚିବ ବୋଲି କୁହାଯାଇଛି। ତୁମୁଡିବନ୍ଧ ଅଞ୍ଚଳରେ ଦିନକୁ ଦିନ ଦେଶୀ ବନ୍ଧୁକ ଜବତ ଓ ତୁମୁଡିବନ୍ଧ ବନାଞ୍ଚଳରେ ଶିକାରୀଙ୍କ ପ୍ରଭାବ ପୁଲିସ ଏବଂ ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହୋଇଛି। ଦୈତ୍ୟାରୀଙ୍କୁ ଗିରଫ ପରେ ତୁମୁଡିବନ୍ଧ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ପୁଲିସ।

## ସାମାନ୍ୟ ବର୍ଷାରେ ବେହାଲ୍ ବାଲିଗୁଡ଼ା

# ଡ୍ରେନ୍ ଉପରୁ ହଟୁଛି ଜବରଦଖଲ; ଭିତରେ ଅଳିଆ ଭର୍ତ୍ତି

ବାଲିଗୁଡ଼ା,୫।୫(ସମିସ): ବାଲିଗୁଡ଼ାରେ ମଙ୍ଗଳବାର ଅପରାହ୍ନରେ କିଛି ସମୟ ଧରି ଜୋରରେ ବର୍ଷା ହୋଇଥିଲା। ଫଳରେ ଡ୍ରେନ୍ ଜାମ୍ ହୋଇ ରାସ୍ତା ଉପରେ ନର୍ଦ୍ଦମା ପାଣି ଲହଡ଼ି ଭାଙ୍ଗିଥିଲା। ଫଳରେ ଯାତାୟାତରେ ଲୋକେ ନାହିଁ ନଥିବା ହୀନସ୍ତା ହୋଇଥିଲେ। ଡ୍ରେନ୍ ଉପରୁ ଜବରଦଖଲ ହଟୁଥିବାବେଳେ ଭିତରେ ଅଳିଆ ଭର୍ତ୍ତି ହୋଇ ରହିଛି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ଲୋକେ ଏପରି ହୀନସ୍ତା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି।






ମଙ୍ଗଳବାର ସକାଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହରର ସୁରକ୍ଷା ଓ ଶୃଙ୍ଖଳା ଦୃଷ୍ଟିରେ ରଖି ଡ୍ରେନ୍ ଉପରେ ଥିବା ଜବର୍‌ଦାଖଲ ଉଚ୍ଛେଦ କରାଯାଇଥିଲା। ତତ୍‌ସହିତ ଡ୍ରେନ୍ ଉପରକୁ ଆସିଥିବା ଲୋକଙ୍କ ଟିଣ ଛପର ମେସିନ୍ ସାହାଯ୍ୟରେ ଉଚ୍ଛେଦ କରାଯାଉଥିବା ବେଳେ କିଛି ଦୋକାନୀ ନିଜେ ନିଜେ ତାକୁ ଭାଙ୍ଗି ବାହାର କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ତହସିଲଦାର ଦୀପ୍ତି ପ୍ରକାଶ ବେହେରା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳେଇ ପୁଲିସ ଫୋର୍ସ ନେଇ କିଛି ଦିନ ବ୍ୟବଧାନରେ ପୁଣି ଉଚ୍ଛେଦ କାର୍ଯ୍ୟ କରିଥିଲେ। କିନ୍ତୁ ସନ୍ଧ୍ୟାରେ କାଳବୈଶାଖୀ ଝଡ଼ ବର୍ଷାରେ ବସ୍‌ଷ୍ଟାଣ୍ଡ ନିକଟ ପୋଖରୀ ପାଖରେ ଥିବା ଡ୍ରେନ୍ ଜାମ୍ ହୋଇଯିବା କାରଣରୁ ବର୍ଷା ପାଣି ସହିତ ଡ୍ରେନ୍ ଅଳିଆ ଆବର୍ଜନା ପାଣି ୫୯ ଜାତୀୟ ରାଜପଥ ଉପରେ ଜମି ଯାଇଥିଲା। ଏଥିଯୋଗୁଁ କିଛି ସମୟ ପାଇଁ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କାଳ ବୈଶାଖୀ ତାଣ୍ଡବ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଯଦି ସହରର ସମସ୍ତ ଡ୍ରେନ୍ ସଫା କରାନଯାଏ ତାହାହେଲେ ଆଗାମୀ ଦିନରେ ଆହୁରି ସମସ୍ୟା ସୃଷ୍ଟି ହେବ ବୋଲି କୁହାଯାଇଛି। ଡ୍ରେନ୍ ଉପର ସଫା କରିବା ପରିବର୍ତ୍ତେ ଡ୍ରେନ୍ ଭିତରେ ଥିବା ଅଳିଆ ଆବର୍ଜନାକୁ ପ୍ରଥମେ ସଫା କରାଗଲେ ଏହିଭଳି ସମସ୍ୟା ହେବ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

## ଚିକିତ୍ସାରେ ଅର୍ଥ ଅଭାବ

# ଘରେ ପଡ଼ି ରହିଛନ୍ତି ଶିବରାମ

ରାୟଗଡ,୫।୫(ସମିସ)

ପରିବାରର ଗୁଜରାଣ ମେଣ୍ଟାଇବା ସହ ପିଲାଙ୍କୁ ଉତ୍ତମ ଶିକ୍ଷା ଦେବା ପାଇଁ ସ୍ୱପ୍ନ ଦେଖିଥିଲେ। ସେଥିପାଇଁ ଭିଟାମାଟି ଛାଡ଼ି ସମ୍ପର୍କୀୟଙ୍କ ଗାଁକୁ ଆସି ଦିନ ମଜୁରିଆ ଭାବେ କାମ କରୁଥିଲେ। କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା। ଆଜି ସେହି ରୋଜଗାରିଆ ମଣିଷ ମୃତ୍ୟୁ ସହ ସଂଗ୍ରାମ କରୁଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ ବ୍ଲକ ସାନତୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏସ୍. ରେମ୍ପି ଗ୍ରାମରେ।

ପ୍ରକାଶ ଯେ, ଲାଇଲାଇ ପଞ୍ଚାୟତ କୁରୁଡ଼ା ଗ୍ରାମର ଶିବରାମ ଶବର ନିଜ ପରିବାର ସହ ଏସ୍.ରେମ୍ପି ଗ୍ରାମରେ ଏକ ଭଙ୍ଗା ଦଦରା କୁଡ଼ିଆରେ ରହୁଥିଲେ। ପରିବାର କହିଲେ ସ୍ତ୍ରୀ ସୁମିତ୍ରା ଏବଂ ଦୁଇ ଜାଆଁଳ କନ୍ୟା ସନ୍ତାନ ଗଙ୍ଗା ଓ ଯମୁନା। କିଛି ଦିନ ପୂର୍ବେ ଶିବରାମ ଏକ କାଜୁ ତୋଟାକୁ କାମ କରିବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ଗଛରୁ ଖସି ପଡ଼ିଥିଲେ। ତାଙ୍କର ଡାହାଣ ହାତ ସହ ଅଣ୍ଟାର ହାଡ଼ ଭାଙ୍ଗି ଯାଇଛି। ପ୍ରଥମେ ତାଙ୍କୁ ରାୟଗଡ଼ ଓ ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ସମ୍ବଳ କହିଲେ କିଛି ନାହିଁ। ପାଖରେ ଟଙ୍କା ନଥିବାରୁ ବ୍ରହ୍ମପୁର ନଯାଇ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଛନ୍ତି। ଏବେ ସେ ଅଧା ଚିକିତ୍ସାରେ ଘରେ ପଡ଼ି ରହିଛନ୍ତି ଓ ଅଣ୍ଟା ଭାଙ୍ଗି ଯାଇଥିବାରୁ ସେ ନିଜେ ବସିବାକୁ ମଧ ଅକ୍ଷମ।



ଘରର ମଥାନ କାଠରେ ଲୁଗା ବାନ୍ଧି ସେଥିରେ ଆଉଜି କଷ୍ଟେମଷ୍ଟେ ବସୁଛନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନର ଯୁଗରେ ମଧ ଅର୍ଥ ଅଭାବରୁ ଜଣେ ବ୍ୟକ୍ତି ଘରର କାଠ ବାଡ଼ିରେ ଲୁଗା ବାନ୍ଧି ତା'ରି ସାହାରାରେ ବସିବା ସଭ୍ୟ ସମାଜ ପାଇଁ ଏକ ଚିନ୍ତାର ବିଷୟ ହୋଇପଡିଛି।

ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଶଯ୍ୟାଶାୟୀ ହେବା ପରେ ପରିବାର ଏବେ ଦାଣ୍ଡରେ ବସିଛି। ପିଲାଙ୍କ ପାଠପଢ଼ା ତ ଦୂରର କଥା, ଦୁଇ ଓଳି ମୁଠାଏ ଖାଇବାକୁ ପରିବାର ପାଖରେ ସମ୍ବଳ ନାହିଁ। ରେମ୍ପି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଦୁଇ କୋମଳମତି ଶିଶୁଙ୍କ ଭବିଷ୍ୟତ ଏବେ ଅନ୍ଧାରକୁ ଠେଲି ହୋଇଯାଇଛି। ନିଜର ସବୁ ସମ୍ବଳ ହରାଇବା ପରେ ଏବେ ଏହି ଗରିବ ପରିବାର ଜିଲ୍ଲା ପ୍ରଶାସନ ଓ ସହୃଦୟ ବ୍ୟକ୍ତିଙ୍କ ସହାୟତାକୁ ଚାହିଁ ରହିଛନ୍ତି। ଶିବରାମଙ୍କୁ ତୁରନ୍ତ ସରକାରୀ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ମହେନ୍ଦ୍ର ମେଳା ପାଇଁ ସଜେଇ ହେଉଛି ମହେନ୍ଦ୍ରଗିରି

ରାୟଗଡ଼,୫।୫(ସମିସ): ଜୁନ୍ ୨ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ମହେନ୍ଦ୍ର ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ମହେନ୍ଦ୍ରଗିରିକୁ ମଙ୍ଗଳବାର ଦିନିକିଆ ଗସ୍ତ କରି ସମସ୍ତ ବିଭାଗୀୟ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ସପ୍ତାହବ୍ୟାପୀ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ବହୁ ବିଶିଷ୍ଟ ସାଧୁସନ୍ଥଙ୍କ ସମାଗମ ସମ୍ଭାବନା ରହିଛି। ଲୋକଙ୍କ ସୁବିଧା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଛି। ଏନେଇ ଭିତ୍ତିଭୂମି ବିକାଶର ଅନୁଧ୍ୟାନ କରିଥିଲେ ମନ୍ତ୍ରୀ। ଏହି ମହାମେଳାକୁ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବାକୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତଦାରଖ ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ମନ୍ତ୍ରୀଙ୍କ ତଦାରଖ ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ ନାୟକ, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ସଂଘ ଚାଳକ ରାଧାକୃଷ୍ଣ ଜାନି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଗଞ୍ଜାମ ସହ ବିଭାଗ କାର୍ଯ୍ୟବାହ ଜୁରିଆ ଜାନି, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ସମେତ ବିଭିନ୍ନ ସଂଗଠନ, ସାମାଜିକ କର୍ମୀ, ବିଜେପି ନେତା ଓ କର୍ମୀ ଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।



ପ୍ରସ୍ତୁତି ତଦାରଖ କଲେ ମନ୍ତ୍ରୀ

